## ଡବ୍ଲ୍ୟୁଏଚ୍‌ଓରେ ଦାୟିତ୍ୱ ଗ୍ରହଣ କଲେ ଡକ୍ଟର ହର୍ଷବର୍ଦ୍ଧନ

**ନୂଆଦିଲ୍ଲୀ, ୨୨।୫/ଏଜେନ୍ସି :** ଶୁକ୍ରବାର କେନ୍ଦ୍ର ସ୍ୱାସ୍ଥ୍ୟମନ୍ତ୍ରୀ ଡକ୍ଟର ହର୍ଷବର୍ଦ୍ଧନ ବିଶ୍ୱ ସ୍ୱାସ୍ଥ୍ୟ ସଙ୍ଗଠନ (ଡବ୍ଲ୍ୟୁଏଚଓ)ର କାର୍ଯ୍ୟନିର୍ବାହୀ ପରିଷଦର ଅଧ୍ୟକ୍ଷ ଭାବେ ଦାୟିତ୍ୱ ଗ୍ରହଣ କରିଛନ୍ତି। ୩୪ ସଦସ୍ୟ ବିଶିଷ୍ଟ କାର୍ଯ୍ୟ ନିର୍ବାହୀ ପରିଷଦର ଅଧ୍ୟକ୍ଷ ଦାୟିତ୍ୱ ଗ୍ରହଣ କରିବା ପରେ ମିଳିତ ଜାତିସଂଘରେ ଭାରତର ଭୂମିକା ପୂର୍ବାପେକ୍ଷା ବହୁଗୁଣରେ ବୃଦ୍ଧି ପାଇଛି। ଜାପାନର ଡାକ୍ତର ହିରୋକି ନାକାଟାନୀଙ୍କ ସ୍ଥାନରେ ଡାକ୍ତର ହର୍ଷବର୍ଦ୍ଧନ ଦାୟିତ୍ୱ ଗ୍ରହଣ କରିବେ। ୧୯୪ ରାଷ୍ଟ୍ରକୁ ନେଇ ଗଠିତ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନରେ ହର୍ଷବର୍ଦ୍ଧନ ମଙ୍ଗଳବାର ଦିନ ଭାରତର ପ୍ରତିନିଧି ଭାବେ ନିର୍ବାଚିତ ହୋଇଥିଲେ। 'ଡବ୍ଲ୍ୟୁଏଚଓ'ର ଦକ୍ଷିଣ-ପୂର୍ବ ଏସିଆ ସମୂହ ଗତବର୍ଷ ସର୍ବସମ୍ମତି କ୍ରମେ ନିଷ୍ପତ୍ତି ନେଇଥିଲା ଯେ ଭାରତ ତିନି ବର୍ଷ ପାଇଁ କାର୍ଯ୍ୟନିର୍ବାହୀ ବୋର୍ଡକୁ ନିର୍ବାଚିତ ହେବ।

## ପୁଣେ ରସାୟନ କାରଖାନାରେ ଅଗ୍ନିକାଣ୍ଡ

**ପୁଣେ,୨୨।୫/ଏଜେନ୍ସି :** ଶୁକ୍ରବାର ମହାରାଷ୍ଟ୍ରର ପୁଣେସ୍ଥିତ କୁରକୁମ୍ଭ ଏମ୍‌ଆଇଡିସି ଅଞ୍ଚଳରେ ଥିବା ଏକ ରସାୟନ କାରଖାନାରେ ଅଗ୍ନିକାଣ୍ଡ ଘଟି ବ୍ୟାପକ କ୍ଷୟକ୍ଷତି ହୋଇଛି। ଖବର ପାଇ ପୁଲିସ ଓ ଦମକଳବାହିନୀ ଘଟଣାସ୍ଥଳରେ ପହଞ୍ଚିଥିଲେ। ନିଆଁକୁ ଆୟତ୍ତ କରିବା ପାଇଁ ପ୍ରାୟ ୫ଟି ଦମକଳ ଗାଡ଼ିକୁ ନିୟୋଜିତ କରାଯାଇଛି। କାରଖାନାରେ ନିଆଁ ଲାଗିବା ମାତ୍ରେ ସମ୍ପୃକ୍ତ ଅଞ୍ଚଳର ଆକାଶକୁ କଳାଧୂଆଁ ଘୋଟି ଯାଇଥିଲା। ଲୋକମାନେ ଜୀବନ ବିକଳରେ ଏଣେତେଣେ ଦୌଡ଼ିବାକୁ ଲାଗିଥିଲେ। କାରଖାନା ଭିତରେ ହେଉଥିବା ବିସ୍ଫୋରଣର ଶବ୍ଦ ପ୍ରାୟ ୫ କିଲୋମିଟର ଦୂରକୁ ଶୁଣାଯାଉଥିଲା। କାରଖାନା ଭିତରେ କିଛି ଶ୍ରମିକ ଓ କର୍ମଚାରୀ ରହିଯାଇଥିବା ଆଶଙ୍କା କରାଯାଉଛି।

## ସ୍ୱତନ୍ତ୍ର ଟ୍ରେନରେ ପ୍ରସୂତିଙ୍କ ଯମଜ ସନ୍ତାନ ପ୍ରସବ

**ଅହମ୍ମଦାବାଦ,୨୨।୫/ଏଜେନ୍ସି :** ଶୁକ୍ରବାର ସ୍ୱତନ୍ତ୍ର ଶ୍ରମିକ ଟ୍ରେନ୍‌ରେ ଜଣୈକ ପ୍ରସୂତି ଯମଜ ସନ୍ତାନ ପ୍ରସବ କରିଛନ୍ତି। ତେବେ ଜନ୍ମଦେବାର ଘଣ୍ଟାକ ମଧ୍ୟରେ ନବଜାତ ପ୍ରାଣ ହରାଇଥିବା ଜଣାପଡ଼ିଛି। ସମ୍ପୃକ୍ତ ପ୍ରସୂତିଜଣକ ତାଙ୍କ ସ୍ୱାମୀ ଭୈୟା ଲାଲଙ୍କ ସହିତ ଗୁଜରାଟର ଭାପିରୁ ବାରଣାସୀ ଅଭିମୁଖେ ଯାତ୍ରା କରୁଥିଲେ। ଟ୍ରେନ୍‌ରେ ପ୍ରସବ ବେଦନା ଅନୁଭବ କରିବାରୁ ଅନ୍ୟ ମହିଳାମାନେ ତାଙ୍କୁ ପ୍ରସବ ଦିଗରେ ସହାୟତା କରିଥିଲେ। ୨୧ ବର୍ଷୀୟା ଗାୟତ୍ରୀ ଦେବୀ ଦୁଇଟି ପୁତ୍ର ସନ୍ତାନ ଜନ୍ମ ଦେଇଥିଲେ। ଖବର ପାଇ ରେଳବାଇ କର୍ତ୍ତୃପକ୍ଷ ଟ୍ରେନ୍ ଅଟକାଇ ଦେଇଥିଲେ। ପ୍ରସୂତିଙ୍କୁ ନବଜାତଙ୍କ ସମେତ ଆମ୍ବୁଲାନ୍ସରେ କୌଶାମ୍ବୀ ଜିଲ୍ଲାର ମୁଖ୍ୟ ହସ୍ପିଟାଲକୁ ନିଆଯାଇଥିଲା। ଡାକ୍ତରମାନେ ମାଆଙ୍କୁ ବଞ୍ଚାଇବାକୁ ସକ୍ଷମ ହୋଇଥିଲେ। ମାତ୍ର ଦୁଇ ଯମଜ ସନ୍ତାନ ମୃତ୍ୟୁବରଣ କରିଥିଲେ।

## ଜଫରୁଲଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ପାଇଁ ନିର୍ଦ୍ଦେଶ

**ନୂଆଦିଲ୍ଲୀ,୨୨।୫/ଏଜେନ୍ସି :** ସୋସିଆଲ ମିଡିଆରେ ଦିଲ୍ଲୀ ସଂଖ୍ୟାଲଘୁ ଆୟୋଗ (ଡିଏମ୍‌ସି) ଅଧ୍ୟକ୍ଷ ଜଫରୁଲ-ଇସଲାମ ଖାନଙ୍କ ବିବାଦୀୟ ମନ୍ତବ୍ୟ ଜାରି ପ୍ରସଙ୍ଗରେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦିଲ୍ଲୀ ହାଇକୋର୍ଟ କ୍ଷମତାସୀନ ଆପ୍ ସରକାରଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଏଥିପାଇଁ ହାଇକୋର୍ଟ ଦିଲ୍ଲୀ ସରକାରଙ୍କୁ ଦୁଇସପ୍ତାହ ମହଲତ ଦେଇଛନ୍ତି। ଜଫରୁଲଙ୍କ କାର୍ଯ୍ୟକାଳ ୨୦୨୦ ଜୁଲାଇ ୧୪ ପର୍ଯ୍ୟନ୍ତ ଥିଲାବେଳେ ଦିଲ୍ଲୀ ସଂଖ୍ୟାଲଘୁ ଆୟୋଗଙ୍କ ଆଇନ ଅନୁସାରେ ଜଫରୁଲଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ କୁହାଯାଇଛି। ଆବେଦନକାରୀ ପିଟିସନ୍‌ରେ ଉଲ୍ଲେଖ କରିଛନ୍ତି ଯେ ଜଫରୁଲ ଇସଲାମ ଖାନ ତାଙ୍କର ପଦମର୍ଯ୍ୟାଦାର ଅପବ୍ୟବହାର କରିଛନ୍ତି। ଦିଲ୍ଲୀର ଲେଫ୍ଟନାଣ୍ଟ ଗଭର୍ଣ୍ଣର ସମ୍ପୃକ୍ତ ଘଟଣାରେ ମର୍ମାହତ ହୋଇ ମେ' ୮ରେ କାରଣ ଦର୍ଶାଅ ନୋଟିସ୍ ଲାଗୁ କରିଥିବା ହାଇକୋର୍ଟଙ୍କୁ ଜଣାଇ ଦିଆଯାଇଛି।